# ଓ ! କାଲକାଟା !!

"...We need set about complete destruction, but not in word: in deeds. Everything you have borrowed from others will go up in smoke. What remains will be essential to you. Do you agree?"

**Jean-Paul Sartre** ("Troubled Sleep")

- "ଗୁରୁ ! ଟପ୍ ! ଲକ୍ଷ୍ମ ଏକାଥରେ -!"

ରାସ୍ତା କଡ଼ର ନିରୋଳା ରେସ୍ତୁରାଁ ଭିତରେ ବସିଥିବା ସେଇ ତିନି ଜଣଙ୍କ ମଧ୍ୟରୁ ଗାଲମୁଚା କଲୀଟା ଯାହାର ସବୁଠାରୁ ଲମ୍ବା, ଅଳ୍ପ ପୂର୍ବେ କଲେଜ ଆଡ଼େ ଏକାକିନୀ ଯାଉଥିବା ସେଇ ଝିଅଟି ଆଡ଼େ ଚାହିଁ, ସେ ଚିତ୍କାର କରି ଉଠିଥିଲା, ପାତାଳପୁରୀର ସାନ୍ଧ୍ୟ ଭାଷାରେ....

"ଗୁରୁ ! ଟପ୍ ! ଲକ୍ଷ୍ମ ଏକାଥରେ !"

ରେସ୍ତୁରାଁ ଆଡ଼େ ଶଙ୍କିତ ଦୃଷ୍ଟିରେ ଚାହିଁ, ଝିଅଟି ପାଦର ଗତି ଚଞ୍ଚଳ କରି ଦେଇଥିଲା ।

ମସ୍ତାନ୍ ଏମାନେ ! ଏମାନଙ୍କ ସମ୍ପର୍କରେ ଅନେକ ଭୟଙ୍କର କଥା, ସେଇ ଝିଅଟି ଶୁଣିଛି, ଖବରକାଗଜରେ ମଧ୍ୟ ପଢ଼ିଛି ! ଖବରକାଗଜରେ ଆଜିକାଲି ଏଇ ସବୁ ତ ସମ୍ବାଦ ! ଏକମାତ୍ର ସମ୍ବାଦ !

ହାତକଟା ବ୍ଲାଉଜ୍ ଭିତରୁ ଦୁଇଟା ଅନାବୃତ ବାହୁ, ନାଭିଠାରୁ ସ୍ତନମୂଳ ପର୍ଯ୍ୟନ୍ତ ଅରାଏ ଉଲଙ୍ଗ ଦେହ, ପ୍ରବଳ ଉତ୍ତେଜନାରେ ସୁକାନ୍ତର ସ୍ତିମିତ ସ୍ନାୟୁକେନ୍ଦ୍ରଗୁଡ଼ାକ ଚମକାଇ ଦେଇଥିଲା । ଜୀବନର ଛନ୍ଦ ଆଜି ଏପରି ସ୍ତିମିତ, ତାକୁ ତାଉ ଦେଇ ଉଠାଇବା ପାଇଁ ହେଲେ ଦରକାର ସେକ୍ସ ଆଉ ବିପ୍ଲବ !! କିନ୍ତୁ ଏ ରିଆକ୍ସନାରୀ, କ୍ଲାସ-ଏନିମିର୍ ଦଳ, ଏ ଦୁଇଟାଯାକ ପ୍ରତି ଆଜି ଖଡ଼୍ଗହସ୍ତ !

ଝିଅଟି ଉଦ୍ଦେଶ୍ୟରେ ସୁକାନ୍ତ ଗୋଟାଏ ତାତ୍ପର୍ଯ୍ୟପୂର୍ଣ୍ଣ ହୁଇସିଲ୍ ଦେଲା! ଏପରି ହୁଇସିଲ୍‌କୁ ଗୁରୁ କହେ ଜଙ୍ଗଲରେ ଜାନୁଆର୍‌ମାନଙ୍କର "ମେଟିଙ୍ଗ୍ କଲ୍" ! କିନ୍ତୁ ମଣିଷ ଆଉ ଜାନୁଆର୍‌ମାନଙ୍କ ଭିତରେ ଆଜି ତଫାତ୍‌ଟା ବା କେତେ ? ସବୁ ମହାନଗରୀ ତ ଆଜି ଆଦିମ ମହାରଣ୍ୟ !

ଗୁରୁ ଦୁଇ ଆଖିରେ କଳା ଗଗ୍‌ଲସ୍ ଆଣ୍ଠି ଗୋଟାଏ ଛୁରୀରେ ନଖ କାଟୁଥିଲା ଗମ୍ଭୀର ଭାବରେ ! ଇଏ ନିଶ୍ଚୟ ଗୋଟାଏ ଝଡ଼ର ପୂର୍ବ-ସୂଚନା ! ଗୁରୁ ଛୁରୀଟାକୁ ବନ୍ଦ କରି ପକେଟ ଭିତରେ ରଖି ସାମନା ରାସ୍ତା ଆଡ଼େ ଚାହିଁଲା ! ହୁଏତ ନ ଚାହିଁ ବି ପାରିଥାଏ । ଗଗ୍‌ଲସ ଭିତରୁ ଗୁରୁ କେତେବେଳେ କୁଆଡ଼େ ଯେ ଚାହେଁ, ସିଏ ଗୋଟାଏ ମିଷ୍ଟ୍ରି ! ରାସ୍ତା ସେପଟେ ପୋଷ୍ଟର ଓ ସ୍ଲୋଗାନ ମୁଖରିତ ପାଚେରୀ କଡ଼ରେ ଗୋଟିଏ ଧୂଳିବିବର୍ଣ୍ଣ ଗଛ ମୂଳେ ଡଷ୍ଟବିନ୍ ଦେହରେ ନୂଆ ଲଗାଯାଇଥିବା ଗୋଟାଏ ପୋଷ୍ଟର ଘୋଷଣା କରୁଥିଲା.... "ଦେଶ ଗୌରବ କଲେଜ ହଲ୍‌ରେ ସାଂସ୍କୃତିକ ଉତ୍ସବ ।" କେତେଟା କୁଆ ସେଇ ଡଷ୍ଟବିନ୍ ଭିତରୁ ଖୁମ୍ପାଖୁମ୍ପି କରି ଉଚ୍ଛିଷ୍ଟ ସନ୍ଧାନ କରୁଥିଲେ! ଗୋଟିଏ ମାଟିଆ ଚିଲ ଡଷ୍ଟବିନ୍ ଉପରକୁ ଉଡ଼ି ଆସିବାରୁ

କୁଆଗୁଡ଼ା ଗଛଡାଳ ଉପରକୁ ଉଡ଼ିଗଲେ । ବସ୍ତିର ଗୋଟାଏ ବୁଲା କୁ଼୍କୁର କୁଆତୁ ଶୁଘିଂ ଶୁଘିଂ ଆସି ସେଇ ଡଷ୍ଟବିନ୍ ଉପରକୁ ପଛ ଗୋଡ଼ ଟେକି ପରିସ୍ରା କରିଦେଲା ।

ଭଗତୋଷ ଦାସର କାଣ୍ଡ ଏଇଟା; କଲେଜ ୟୁନିୟନର ନିର୍ବାଚନରେ କିସ୍ତିମାତ୍ ପାଇଁ । ସାମାନ୍ୟ ଭାଷଣ ପରେ ସଂସ୍କୃତି.... ଅର୍ଥାତ୍ ନୃତ୍ୟ ଓ ସଙ୍ଗୀତର ସୁପ୍ରଚୁର ବ୍ୟବସ୍ଥା । ପପ୍ ସଙ୍ଗୀତ ଆଉ ଟୁଇଷ୍ଟ ! ମନ୍ତ୍ରୀ ଆସିବେ ଉଦ୍‌ବୋଧନ ଦେବା ପାଇଁ । ଗୁରୁ ଦାନ୍ତରେ ଦାନ୍ତ ଚିପି କଡ଼ମଡ଼ କରି ଉଠିଲା "...ରିଆକ୍‌ସନାରୀ ! ଏଷ୍ଟାବ୍ଲିସ୍‌ମେଣ୍ଟର କୁତ୍ତା !"

ଗୁରୁ ସ୍ୱଗତୋକ୍ତି କରିବା ପରି ମନକୁ ମନ କହିଲା.... "ଆ... କେତେ ନିଶ୍ଚିତ ନିରୁଦ୍‌ବିଗ୍ନ ଏମାନେ ! ଭୂମିକମ୍ପର କେନ୍ଦ୍ରବିନ୍ଦୁ ଉପରେ ବସି ସୁଦ୍ଧା ପପ୍ ଆଉ ଟୁଇଷ୍ଟ ପାଇଁ ଏମାନଙ୍କର ସମୟର ଅଭାବ ନାହିଁ !"

ଗୁରୁ ଅକାରଣରେ ପକେଟରୁ ପୁଣି ଛୁରୀଟାକୁ କାଢ଼ି ଆଣିଲା । ଗୁରୁ ନିଶ୍ଚୟ ଗୋଟିଏ ନୂଆ ପ୍ଲାନ୍‌ରେ ଅଛି !

ସ୍ଥାନ-ସହରର ଗୋଟାଏ ଅନ୍ଧଗଳି । ରେଷ୍ଟୁରାଁର ନାମ "ସୁଜଳା" । ଏହାର କଫି ଆଉ ଚା' ସେଥିପାଇଁ ବୋଧହୁଏ ପାଣିଚିଆ ! ଗଳିଟା ଯେଉଁଠି ବଡ଼ ରାସ୍ତାରେ ମିଶିଛି, ସେଠି ଦେଶଗୌରବ କଲେଜ ! କଲେଜ ୟୁନିୟନରୁ ଏଥର ଭବତୋଷକୁ ହଟାଇବା ପାଇଁ ପଡ଼ିବ ନିଶ୍ଚୟ ! ବାଇ ହୁକ୍ ଅର୍ ବାଇ କ୍ରୁକ୍ ! ଗୁରୁ ଆଖିରୁ କଳା ଗଗଲସ୍‌ଟା କାଢ଼ି ତା' ର ସାମ୍ରାଜ୍ୟ, ସୁଜଳା ରେଷ୍ଟୁରାଁ ଭିତରେ ଚାରିଆଡକୁ ଚାହିଁଲା । ଗୁରୁ ଆଖିରେ କଳା ଗଗଲସ୍ ପିନ୍ଧିଲେ ସିନା ଏପରି ମିଷ୍ଟରିଅସ୍ ଦିଶେ, ନୋହିଲେ ତା' ର ଆଖି ଦୁଇଟା ବାସ୍ତବିକ ବଡ଼ କରୁଣ !

ଏଇ ସୁଜଳା ରେଷ୍ଟୁରାଁ ସେମାନଙ୍କର "ପିପୁଲସ୍ ରିପବ୍ଲିକ୍ ।" କଲେଜକୁ ଛାତ୍ରୀମାନଙ୍କର ଯିବା ଆସିବା ବେଳର ପଚୁଆର, ସେମାନେ ଏଇଠାରେ ବସି ଲକ୍ଷ୍ୟ କରନ୍ତି, ଟିପ୍‌ପଣୀ କାଟନ୍ତି, ଅଶ୍ଳୀଳ ଇଙ୍ଗିତ ଦିଅନ୍ତି..... ତା' ରି ଭିତରେ ମଧ୍ୟ ଆଲୋଚନା କରନ୍ତି, ରିଭୁଲ୍ୟୁସନ୍, କାଉଣ୍ଟର ରିଭଲ୍ୟୁସନ୍, ଲେଫଟ୍ ରିଭିଜନିଜମ୍, ଚି-ଗୁଭେରା ଆଉ ଭିଏତନାମ୍ !

ଏକ ମୃତ୍ୟୁମୁଖୀ ମହାନଗରୀର ଶେଷ ଅଣଅାଶ ଏମାନେ ! ସେଥିପାଇଁ ବୋଧହୁଏ ଅପ୍ରତିରୋଧ । ନିଷ୍ଠୁର । ଭୟଙ୍କର । ଅନୁଶାସନମୁକ୍ତ ସମାଜର ବଲ୍‌ଗାମୁକ୍ତ ଅଶ୍ୱ । କର୍ତ୍ତବ୍ୟ, ଅକର୍ତ୍ତବ୍ୟର ବନ୍ଧନ ଛିଣ୍ଡିଛି । କର୍ମ ଅପକର୍ମର ନିୟନ୍ତ୍ରଣ ନାହିଁ । ନୀତିବାଗୀଶମାନଙ୍କର ଶଠତା ବିରୁଦ୍ଧରେ ବିଦ୍ରୋହର ପତାକା ଉଡ଼ାଇ ଏମାନେ ଚାଲିଛନ୍ତି ନୂତନ ନୀତିବାଦର ଆଲୋକିତ ନବଦିଗନ୍ତ ପଥରେ ନୁହେଁ; କିନ୍ତୁ ପୁରାତନ ନୀତିହୀନତାର ସେଇ ଅନ୍ଧ ଗଳି ଆଡ଼େ ।

ଗୁରୁ ଦଳରେ ଏବେ କଞ୍ଚାବୟସର ସେଇ ଯେଉଁ ନୂଆ ଜଣକ ମିଶିଥିଲା, ସୁକାନ୍ତର ସାନ୍ଧ୍ୟଭାଷା ସହିତ ସେ ଥିଲା ଅପରିଚିତ । ନିରୀହ କଣ୍ଠରେ ସେ ପଚାରିଲା.... "ଲଙ୍କୁ କି ବସ୍ତୁ ?" ଡବଲ ରୋଟିର ଅର୍ଥ ସେଦିନ ତ ସେ ଅନେକ ବିଳମ୍ବରେ ବୁଝିଥିଲା - ହାତବୋମା !

ଗୁରୁ ଆଜବ୍ ଏ ଲଚକ୍‌କୁ (ଲଚକୀ କମରିଆଁ ପରି ଯିଏ ସୁକୁମାର, ମାନେ ଡେଲିକେଟ୍ ଝିଅ, ଝିଅ ପରି ! ଏଇ ପାତାଳପୁରୀର ପରିଭାଷାରେ) କୁଆଡୁ ଆଣି ଜୁଟେଇଛି କେଜାଣି ? ଅପଦାର୍ଥ ଏଟା ! ସେ ଦିନ ଅସଲ ବଖ୍‌ତରେ; ଗୁରୁ କହିଲା ଦୁଇଟା ଡବଲ ରୋଟି ଆଣିବା ପାଇଁ । ଏ ମୂର୍ଖ ସତକୁ ସତ ପାଉଁରୁଟି ଦୋକାନରୁ ନେଇ ଆସିଲା, ଦୁଇଟା । ପାଉଁରୁଟି !

ଭବତୋଷର ଦଳ ସହିତ ଲଢ଼େଇଟା ସେତେବେଳେ ଘମାଘୋଟ ବାନ୍ଧି ଆସୁଥିଲା, ପାର୍କ ବାଟ ଦେଇ ସେଇ ପଚୁଆରଟା ଯିବାବେଳେ । ଭବତୋଷର ଗ୍ୟାଙ୍ଗ୍ ଫିଙ୍ଗୁଥିଲେ ସୋଡ଼ା ବୋତଲ । ତା' ର ବଦ୍‌ଲା ନେବା ପାଇଁ ଗୁରୁର ସେତେବେଳେ ଦରକାର ଥିଲା ଡବଲ ରୋଟୀ ! ସେତିକିବେଳେ ଏ ଲଚକ୍ ଆସି ପହଞ୍ଚିଗଲା ସତକୁ ସତ ଦୁଇଟା ପାଉଁରୁଟୀ ଧରି !

ଗୁରୁ ସେତେବେଳେ ରାଗରେ ଲଚକ୍‌କୁ ଖୁନ୍ କରେ କି ନ କରେ! ଗୁରୁ ଏଥର ଛୁରୀଟା ନିଶ୍ଚୟ ଭୁଷିଦେବ ଲଚକ୍‌ର ତଳିପେଟରେ ! ସେଥର ସିନା ଗୁରୁ ଛାଡ଼ିଦେଇଥିଲା, ଦୟାରେ ! (ନାଁ ମାୟାରେ ?) ଗୁରୁ କିନ୍ତୁ ଆଜି ନିଷ୍କରୁଣ ! ଗୁରୁର ମସ୍ତାନ୍ ଜୀବନରେ ଆଉ କେବେ ଏପରି ଦୟନୀୟ ପରାଜୟ ଘଟି ନ ଥିଲା ! ଗୁରୁ ବାଁ ହାତ ପାପୁଲିରେ କପାଳରୁ ରକ୍ତ ପୋଛି, ସେଇ ପାଉଁରୁଟି ଓ ଲଚକ୍‌ର ନିର୍ବୋଧ ଆଖି ଦୁଇଟା ଭିତରକୁ ଚାହିଁ ଚିତ୍କାର କରିଉଠିଲା.... ଇଡିୟଟ୍ । ଗୁରୁ କିନ୍ତୁ ଲଚକ୍‌ର ତଳିପେଟରେ ଛୁରୀ ଭୂଷିଦେଲା ନାହିଁ । ତା' ର ଓଠରେ ଫୁଟିଉଠିଲା ଗୋଟିଏ ବିଷର୍ଣ୍ଣ ମଳିନ ହସ ! ବଦଲା ନେବାର ଗୋଟାଏ ଭୟଙ୍କର ନିଷ୍ଠୁର ମୁହୂର୍ତ୍ତରେ ଗୁରୁ ସେପରି ହସିବାର ଅର୍ଥ ସୁକାନ୍ତ ପୁଣି ଆଦୌ ବୁଝିପାରି ନ ଥିଲା! ସେଇଟା କ' ଣ ହସିବାର ବେଳ ? ପୁଣି ଲଚକ୍‌ର ଏପରି ନିର୍ବୋଧତାରେ ?.... ସୁକାନ୍ତ ଆଜି ପର୍ଯ୍ୟନ୍ତ ସୁଦ୍ଧା ବୁଝିପାରିଲା ନାହିଁ ସେଇ ହସର ଅର୍ଥ ! ଗୁରୁ ସବୁବେଳେ ଏଇପରି ମିଷ୍ଟିରିଅସ୍ !!!

ସେଇଦିନୁ କିନ୍ତୁ ଗୁରୁ ଗୋଷ୍ଠୀର ପରିଭାଷା ସହିତ ପରିଚିତ ହେବାପାଇଁ ଲଚକର ଉଦ୍ୟମର ଅନ୍ତ ନ ଥିଲା । ସେଇ ଏବେ ପଚାରୁଥିଲା... ଲଟ୍ଟୁ କ' ଣ ? କି ବସ୍ତୁ ?

ସୁକାନ୍ତ ଉତ୍ତର ଦେଲା... "ଚାମ୍ବରସ୍ ଦେଖିବେ ଇଡ଼ିୟଟ୍ ! ହ୍ୟାପଃ ! ଲଟ୍ଟୁ ମାନେ ଟପ୍ ! ଦେଖିଲୁ ନାଇଁ କିପରି ହାଇହିଲ୍ ଉପରେ, ଲଟ୍ଟୁ ପରି ଘୂରାଇ ଘୂରାଇ ନିତମ୍ବ ନଚାଇ ନଚାଇ ଚାଲିଗଲା ସେ ! କୁଆଡୁ ଯୋଗାଡ଼ କଲ ଏଇ ଜଙ୍ଗଲୀକୁ ଗୁରୁ ? ଏ କିନ୍ତୁ ଆମ ଡିଭିଜନ୍‌ରେ ଏକାଥରେ ଅଚଳ ! ଆକୁ ଦରକାର ଫଉଜୀଖୁସ୍ ହାଲୁଆ !"

ଗୁରୁ ସେତେବେଳେ ଡଷ୍ଟବିନ୍ ଦେହରେ ସେଇ ପୋଷ୍ଟର ଚାହିଁ ମନେ ମନେ ଖସଡ଼ା କରୁଥିଲା, ଦେଶଗୌରବ କଲେଜ ହଲ୍‌ର ସାଂସ୍କୃତିକ ଉତ୍ସବରେ ଦକ୍ଷଯଜ୍ଞ ଭଙ୍ଗର ଯୋଜନା ! ସଂସ୍କୃତି ନାମରେ ପ୍ରତି-ବିପ୍ଳବର ଏଇ ସବୁ ଆୟୋଜନ ପ୍ରତି ଗୁରୁର ଅହେତୁକ କ୍ରୋଧ ! ସହଜେ ପୁଣି ଭବତୋଷର ଗ୍ୟାଙ୍ଗ୍ ଏହାର ଉଦ୍ୟୋକ୍ତା ! ଇଲେକ୍‌ଟ୍ରିକ୍ ଫିଉଜ୍ ଉଡ଼ାଇ ଗୋଟାଏ ଦୁଇଟା ଡ଼ବଲରୋଟୀ ଛାଡ଼ିଦେଲେ ସଂସ୍କୃତି ଖତମ୍ !!! ସଂସ୍କୃତି ନାମରେ ଯେଉଁମାନେ ଶତଜିହ୍ୱ-ଗୁରୁ ଜାଣେ ତାହାକୁ ରକ୍ଷା କରିବା ପାଇଁ ସେମାନଙ୍କର କଲିଜା କେତେ ! ଏସବୁ ହୁଜଗ୍‌ରେ ଅବଶ୍ୟ କୌଣସି ଯୁକ୍ତି ନାହିଁ ! କାର୍ଯ୍ୟକାରଣର ସମ୍ପର୍କ ନାହିଁ । ତଥାପି ଏଇ ହିଂସ୍ରତା ଆଉ ଧ୍ୱଂସ ମଧ୍ୟରେ ଅଛି ଯେପରି ଆଜିର ଶୂନ୍ୟଗର୍ଭ, ବ୍ୟର୍ଥ, ବଞ୍ଚିତ ଜୀବନରେ ବଞ୍ଚିବାର ଏକମାତ୍ର ଚରିତାର୍ଥତା! ନୋହିଲେ ସମସ୍ତେ ତ ଆଜି ଏଷ୍ଟାବ୍ଲିସ୍‌ମେଣ୍ଟର ଚେନ୍ ବନ୍ଧା କୁକୁର ! ଚେନ୍‌ରେ ବନ୍ଧା ରହି ଖୁବ୍ ଭୁକ୍ ଭୁକ୍ କରିପାରନ୍ତି ସେମାନେ, ସେଇ ଟେବୁଲ ଉପରୁ ଆଉରି ରୁଟି ଟୁକୁରା, ଆଉରି ଅଇଁଠା ହାଡ଼ ପାଇଁ ! କିନ୍ତୁ ଚେନ୍ ଛିଣ୍ଡାଇବା ପାଇଁ ସେମାନେ କେହି ପ୍ରସ୍ତୁତ ନୁହନ୍ତି ! ଚେନ୍ ଏକାଥରେ ଛିଡ଼ାଇ ଦେଲେ ଏଷ୍ଟାବ୍ଲିସ୍‌ମେଣ୍ଟର ଟେବୁଲ ଉପରୁ ସେଇ ରୁଟି ଟୁ଼କୁରା ସୁଦ୍ଧା ମିଳିବ ନାହିଁ ଯେ ! ଅଥଚ ବିପ୍ଳବ ନାମରେ ସେମାନଙ୍କର କେତେ ଅନର୍ଗଳ ଭାଷଣ ! କେତେ ଜ୍ୱାଳାମୟୀ କବିତା ! ଭବତୋଷ ପୁଣି ଗୋଟାଏ ପୋଏଟ୍ ! ଶାଳା, ଅଲ୍ ପୋଏଟ୍ରୀ ଆଜି ଡବଲରୋଟୀ !

ଗୁରୁର ଏ ସବୁ ତାତ୍ତ୍ୱିକ ଚିନ୍ତାରେ ସୁକାନ୍ତର ପ୍ରଗଲ୍‌ଭତା ବାଧା ସୃଷ୍ଟି କରୁଥିଲା । ସେ ଚିତ୍କାର କରି ଉଠିଲା....ମାଫି ମାଗ୍ ତାକୁ ସୁଟ୍‌କା ! ନୋହିଲେ ଏକା ଲାଥିରେ ତୋ ସିଟ୍ ଢିଲା କରିଦେବି !

ସେ କ' ଣ ତୋ ପରି ପରୀକ୍ଷାରେ କପି କରି ରଷ୍ଟିକେଟେଡ୍ ହୋଇଥିବା ଆଣ୍ଟି-ସୋସିଆଲ୍ ତାଲିକାର ଦାଗୀ, ଖୁନୀ ? ବିଶ୍ୱବିଦ୍ୟାଳୟର ଗୋଟାଏ ଦୁଇଟା ଡିଗ୍ରୀ, ଏବେ ବି ସେ ସାଇତି ରଖିଥିବ; ଏଷ୍ଟାବ୍ଲିସ୍‌ମେଣ୍ଟ ଭିତରକୁ ତା' ର ପ୍ରବେଶପତ୍ର ପରି ! କିନ୍ତୁ ବନ୍ଧୁ; ହାଉସ୍ ଫୁଲ୍ ! ନୋ ଭେକାନ୍‌ସୀ ! ନୋ ଆଡ୍‌ମିସନ୍ !

ଗୁରୁ ଅଟ୍ଟହାସ କରି ଉଠିଲା, ନିଜର ରସିକତାରେ !

ଗୁରୁର ରକ୍ତଚକ୍ଷୁ ଆଡ଼େ ଚାହିଁ ସୁକାନ୍ତ ନିଷ୍ପ୍ରଭ କଣ୍ଠରେ ଲଚକ୍‌କୁ କହିଲା... "ଏକ୍‌ସକ୍ୟୁଜ୍ ! ପ୍ଲିଜ୍ !"

ଗୁରୁ ମିଥ୍ୟା କହିନାହିଁ ! ଲଚକ୍ ଥିଲା ବିଶ୍ୱବିଦ୍ୟାଳୟର କୃତିଛାତ୍ର । ତା' ର ମଧ୍ୟ ଏକଦା ଗୋଟାଏ ନାମ ଥିଲା । ଶୁଭେନ୍ଦୁ । ପରୀକ୍ଷାରେ ସେ କେବେ କପି କରି ନଥିଲା । ସେ ସ୍ୱପ୍ନ ଦେଖିଥିଲା ଶୁଚିସ୍ନାତ ଜୀବନର ! ଆଦର୍ଶ ଉପରେ ତା' ର ଥିଲା ପ୍ରଗାଢ଼ ବିଶ୍ୱାସ ! ସେ ମଧ୍ୟ ଥିଲା ଆଶାବାଦୀ; କିନ୍ତୁ ବିଶ୍ୱବିଦ୍ୟାଳୟ ବାହାରେ ଏକ ନିଷ୍ଠୁର ପୃଥିବୀ ହାଇ ମାରୁଥିଲା.... ଏମ୍ପଲୟମେଣ୍ଟ-ଏକ୍ସଚେଞ୍ଜର କ୍ୟୁ- ଇଣ୍ଟର୍‌ଭ୍ୟୁ- ନୋ ଭେକାନ୍‌ସୀ- କ୍ୟୁ-ଇଣ୍ଟର୍‌ଭ୍ୟୁ- ନୋ ଭେକାନ୍‌ସୀ- କ୍ୟୁ-ଇଣ୍ଟର୍‌ଭ୍ୟୁ-କ୍ୟୁ- ନୋ ଭେକାନ୍‌ସୀ-ନୋ ! ନୋ ! ନୋ- ଗେଟ୍‌ଆଉଟ୍ !

ଏଇ ନିଷ୍ଠୁର ପୃଥିବୀ ଭିତରୁ ଘର ଭିତରକୁ ଆସିଲେ; ଆଦିମ ପ୍ରାଗୈତିହାସିକ ଗହ୍ୱର ପରି ଦୁଇଟା ଅଳନ୍ଧୁ ଭରା କୋଠରୀ ଭିତରେ ମଧ୍ୟ ନୋ ଭେକାନ୍‌ସି ! ସେଥି ମଧ୍ୟରୁ ଗୋଟାଏ କୋଠରୀରେ ଆଜମାରୋଗୀ ବାପ; ଯିଏ ଦିନରେ ଅଫିସ କରେ, ଆଉ ରାତିରେ ଧଇଁ ପେଲେ... ରାତିସାରା ଦୁଇଟା କ୍ଳାନ୍ତ ମୃତ୍ୟୁଭୀତ ଆଖି ମେଲି, ବିଛଣା ଉପରେ ବସିରହେ, ପିଞ୍ଜରା ଭିତରେ ଅଟକି ପଡ଼ିଥିବା ବନ୍ୟଜନ୍ତୁ ପରି ! ଶୁଭେନ୍ଦୁର ବୋଉ କୋଠରୀରେ ତଳେ ଶୋଇ ପଡ଼ନ୍ତି; ବିଛଣାର ପ୍ରୟୋଜନ ନଥାଏ । ଅନ୍ୟ କୋଠରୀରେ ଶୁଭେନ୍ଦୁ ଆଉ ତା' ର ଦୁଇ ଅବିବାହିତା ଭଉଣୀ ! ଚଟାଣ ଉପରେ ଲଗାଲଗି ବିଛଣା ପକାଇବା ପାଇଁ ସୁଦ୍ଧା ସ୍ଥାନାଭାବ ! ଶୁଭେନ୍ଦୁ ତେଣୁ ରାତି କଟାଏ, ବାହାରେ ବାହାରେ । ଶୁଭେନ୍ଦୁର ବାପ ସତର୍କ ଶିକାରୀ ପରି ରାତି ପାହାନ୍ତା ପାହାନ୍ତାକୁ ଶୁଭେନ୍ଦୁର ଆସିବା ସମୟଟା ଉପରେ ଲକ୍ଷ୍ୟ ରଖିଥାନ୍ତି; ଆଉ ଧଇଁ ପେଲାର ବିରତି ମଧ୍ୟରେ ଅବଶୋଷ କରନ୍ତି; "ଶୁଭେନ୍ଦୁଟା ନଷ୍ଟଚରିତ୍ର ହୋଇଗଲା !"

ସେଦିନ କୌଣସି ଏକ ଇଣ୍ଟର୍‌ଭ୍ୟୁ ପରେ, ଇଣ୍ଟର୍‌ଭ୍ୟୁ କରୁଥିବା କର୍ତ୍ତାଜଣକ ନୋ- ଭେକାନ୍‌ସୀ ରହସ୍ୟର ସୂତ୍ର ବତାଇ କହିଲେ- "ବ୍ୟାକିଙ୍ଗ୍ ଦରକାର ! ବ୍ୟାକିଙ୍ଗ୍ ! ବ୍ୟାକିଙ୍ଗ୍ ଅଛି ତମର ?"

- "ବ୍ୟାକିଙ୍ଗ୍ ! ମାନେ ?" ସେ ପଚାରିଥିଲା ନିର୍ବୋଧ ସରଳତାରେ; ଯେମିତି ଅଳ୍ପ ପୂର୍ବେ ସୁକାନ୍ତକୁ ସେ ପଚାରିଥିଲା, "ଲକ୍ଷ ପୁଣି କି ବସ୍ତୁ ?"

କର୍ତ୍ତାଜଣକ ଖଣ୍ଡେ ଅଦରକାରି କାଗଜ ୱେଷ୍ଟ୍ ପେପର୍ - ବାସ୍କେଟ୍ ଭିତରକୁ ଫିଙ୍ଗି ଦେବା ପରି ତାଚ୍ଛଲ୍ୟରେ ଉତ୍ତର ଦେଇଥିଲେ, "ନେତା...ମନ୍ତ୍ରୀ ! ଅଫିସର ! ଏଥି ମଧ୍ୟରୁ କୌଣସିଟି ଅଛି ତମର ?"

ଶୁଭେନ୍ଦୁର ସେଥିମଧ୍ୟରୁ କୌଣସିଟି ସୁଦ୍ଧା ନଥିଲା । ସେ ମନକୁ ମନ ଉତ୍ତର ଦେଇଥିଲା... "ବ୍ୟାକଟା ତ ଅଛି ନିଶ୍ଚୟ ! କିନ୍ତୁ ବ୍ୟାକିଙ୍ଗ ?"

ବଞ୍ଚିବା କିନ୍ତୁ ବ୍ୟାକିଙ୍ଗର ଅପେକ୍ଷା ରଖେ ନାହିଁ । ସେଥିପାଇଁ ଟଙ୍କା ଉପାର୍ଜନ କରିବାକୁ ପଡ଼ିବ ! ବ୍ୟାକିଙ୍ଗଧର୍ମୀ ସମାଜରେ ଟଙ୍କା ରୋଜଗାରଟା କେଉଁ ବଡ଼ କଥା ? ହିନ୍ଦୀ ସିନେମା ଟିକେଟରେ ବ୍ଲାକମାର୍କେଟିଙ୍ଗ ସେ ଦୃଷ୍ଟିରୁ ମନ୍ଦ ନୁହେଁ ! କିନ୍ତୁ ଏଥିପାଇଁ ମଧ୍ୟ ଅନ୍ୟ ବ୍ୟାକିଙ୍ଗର ପ୍ରୟୋଜନ ଥିଲା ! ସେପର୍ଯ୍ୟନ୍ତ ଶୁଭେନ୍ଦୁ ତାହା ବୁଝି ନ ଥିଲା !

ଥରେ ଗୋଟିଏ ସିନେମା ପାଖରେ, ଟିକେଟରେ ବ୍ଲାକ ଚଳାଇଥିବା ବେଳେ, ହଠାତ୍ ଦୁଇଜଣ ତାକୁ ପ୍ରାୟ ଶୂନ୍ୟେ ଶୂନ୍ୟେ ଉଠାଇ ନେଇଥିଲେ, ସିନେମା ହଏ ପଛ ଅନ୍ଧାର ଗଳିରେ ଗୋଟାଏ ରେସ୍ତୁରାଁ ଭିତରକୁ ! ସେଇଠାରେ ସେଦିନ ତା' ର ପ୍ରଥମ ସାକ୍ଷାତ ହୋଇଥିଲା ଗୁରୁ ସହିତ ! ଗୁରୁ ଟେବୁଲ ଉପରେ ଯୋଡାମିଶା ଦୁଇଗୋଡ଼ ଲମ୍ବାଇ, ଖଣ୍ଡେ ଚଉକୀ ଉପରେ ପଛକୁ ମୁଣ୍ଡ ଝୁଙ୍କାଇ ବସିଥିଲା, ଗୋଟାଏ ରମ୍ ବୋତଲ ସାମନାରେ !

ଗୁରୁ ଆଗରେ ସେ ଦୁଇଜଣ ତାକୁ ହାଜର କରାଇବା ମାତ୍ରେ, ଗୁରୁ ପକେଟରୁ ଗୋଟାଏ ଧାରୁଆ ଛୁରୀ କାଢ଼ି ଶୁଭେନ୍ଦୁର ତଳିପେଟରେ ଛୁରୀର ମୁନଟାକୁ ଲଗାଇ ପଚାରିଥିଲା... "ଏଠି ଏ ମସ୍ତାନୀ କାହିଁକି ? ଏ କାହାର ଏରିଆ ମାଲୁମ ଅଛି ତ ? ଲାଇସେନ୍‌ସ ନେଇଥିଲ ମୋଠାରୁ ? କେଉଁ ଗ୍ୟାଙ୍ଗର ତୁମେ ?"

ଥର ଥର କମ୍ପିତ କଣ୍ଠରେ ଶୁଭେନ୍ଦୁ ଉତ୍ତର ଦେଇଥିଲା... "ମୁଁ ଏକ ବେକାର ! କେଉଁଠି ବ୍ୟାକିଙ୍ଗ ନାହିଁ ମୋର !"

ପାଖ ଟେବୁଲରେ ବସି ସୁକାନ୍ତ ଚାହିଁଥିଲା ଶୁଭେନ୍ଦୁ ଆଡ଼େ ! ସେ କହିଲା.... "ବ୍ୟାକିଙ୍ଗ ନ ଥାଇ ! ବ୍ୟାକଟା ଅଛି ଠିକ୍ ! ଇଏ ଲଚକ ଅଛି ଗୁରୁ !"

ସେଇଦିନୁ ଶୁଭେନ୍ଦୁର ନାମାନ୍ତର ହେଲା, "ଲଚକ ! ଲଚକ !"

ଗୁରୁର ଆଖି ଦୁଇଟା ହଠାତ୍ କୋମଳ ବିଷର୍ଣ୍ଣ ହୋଇଉଠିଲା । ଗମ୍ଭୀର ଭାବରେ ସେ ଛୁରୀଟାକୁ ବନ୍ଦ କରି, ପକେଟ ଭିତରେ ରଖି କହିଲା.... "ଠିକ୍ ଅଛି ! ଏଇଥର ଛାଡ଼ିଦେଲି ! ଆଉ ଦିନେ ଏ ଏରିଆ କିନ୍ତୁ ଭୁଲରେ ସୁଦ୍ଧା ନ ମାଡ଼ ଯେପରି ! ମୁଁ କୌଣସି ଅନପ୍ଲିଜାଣ୍ଟନେସ୍ ଚାହେଁନା ! ଆଇ ଆମ ଏ ମ୍ୟାନ୍ ଅଫ୍ ପିସ୍ !"

ଲଚକ ମଧ୍ଯ କୌଣସି ଅନପ୍ଲିଜାଣ୍ଟନେସ୍ ଚାହୁଁ ନ ଥିଲା !

ସେ କହିଲା.... "ମୁଁ ଚାହେଁ କେବଳ ବଞ୍ଚିବା ପାଇଁ ପ୍ଲିଜ୍ !" ଲଚକର ବଞ୍ଚିବା ମରିବା ସେତେବେଳେ ଯେପରି ଗୁରୁ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ସିଗାରେଟ୍ ଧୂଆଁର ଗୋଟିଏ କୁଣ୍ଡଳୀ ଛାଡ଼ି ଗୁରୁ ମନକୁ ମନ ସ୍ୱଗତୋକ୍ତି କରିବା ପରି କହିଲା.... "ଏ ପୃଥିବୀରେ ଆଜି ବଞ୍ଚିବା ପାଇଁ ହେଲେ ରିଆକସନାରୀମାନଙ୍କୁ ଖତମ କରିବା ପାଇଁ ପଡ଼ିବ ! ପାରିବ ?"

ସେଥିପାଇଁ ଲଚକ ପ୍ରସ୍ତୁତ ! କିନ୍ତୁ ରିଆକସନାରୀ କିଏ ? କେଉଁମାନେ ? ଲଚକର ନିର୍ବୋଧ ପ୍ରଶ୍ନ । ଗୁରୁ ଅସହିଷ୍ଣୁ କଣ୍ଠରେ ଉତ୍ତର ଦେଲା - "ଯେଉଁମାନେ ଆମର ଶତ୍ରୁ, ଶ୍ରେଣୀ-ଶତ୍ରୁ, ସେମାନେ ।"

ଲଚକ୍ କିନ୍ତୁ ତା' ନିଜର ଅଭିଜ୍ଞତାରୁ ବୁଝିଛି, ଶ୍ରେଣୀ ଓ ଶ୍ରେଣୀଶତ୍ରୁ ଗୋଟାଏ ସ୍ଲୋଗାନ୍ ! ସେଦିନ ଗୁରୁର ସେଇ ଦରବାରରେ ସେ ନିଜେ ସୁଦ୍ଧା ଘୋଷିତ ହୋଇଥିଲା ଶ୍ରେଣୀଶତ୍ରୁ ରୂପେ .... ଯେଉଁଦିନ ଗୁରୁର ଏରିଆ ଭିତରେ ସିନେମା ଟିକେଟ୍‌ରେ ବ୍ଲାକ ଚଳାଇ ସେ ହଠାତ୍ ଧରାପଡ଼ିଥିଲା !

ଫାଶିଦଣ୍ଡ ଘୋଷଣା କରିବା ପରି ଗମ୍ଭୀର କଣ୍ଠରେ ଡଷ୍ଟବିନ୍ ଦେହର ପୋଷ୍ଟର ଆଡ଼େ ଚାହିଁ ଗୁରୁ ବିସ୍ଫୋରଣ କରି ଉଠିଲା... "ଶାଳା ଭବତୋଷ, ପହିଲା ନମ୍ବର କ୍ଲାସ ଏନିମୀ !"

ଭବତୋଷ ପ୍ରତି ଗୁରୁର ଇମ୍ପ୍ରେସନ୍‌ଟା ଯେ ଏତେ ଖରାପ, ସେ ସମ୍ପର୍କରେ ସୁକାନ୍ତର ବୋଧହୁଏ କୌଣସି ଧାରଣା ନ ଥିଲା ! ଭବତୋଷ ତ ଏଇ ସେଦିନ ପର୍ଯ୍ୟନ୍ତ ଥିଲା; ସୁକାନ୍ତ ଗୋଷ୍ଠୀ ଛାତ୍ରମାନଙ୍କର ନେତା ! ଦେଶଗୌରବ କଲେଜରେ ଛାତ୍ର ରୂପେ ସେ ନେଇଛି ଯେପରି ଚିରସ୍ଥାୟୀ ପଟ୍ଟା ! ସୁକାନ୍ତ ପ୍ରଥମ ବାର୍ଷିକ ଶ୍ରେଣୀରେ ଭର୍ତ୍ତି ହେବାବେଳକୁ ଭବତୋଷ ଥିଲା ପଞ୍ଚମ ବାର୍ଷିକ ଶ୍ରେଣୀର ଛାତ୍ର । ସୁକାନ୍ତ ବି.ଏ. ପରୀକ୍ଷାରେ କପି କରି ରଷ୍ଟିକେଟେଡ୍ ହୋଇ ଗୁରୁ ଦଳରେ ଆଜି ସ୍ନାତକୋତ୍ତର ମସ୍ତାନ୍ ! କିନ୍ତୁ ଭବତୋଷ ତଥାପି ସେଇ ଷଷ୍ଠବାର୍ଷିକ ଶ୍ରେଣୀରେ ! ଗୁରୁ ଦିନେ ଏହାର ରହସ୍ୟ ବୁଝାଇ କହିଥିଲା.... "ବୁର୍ଜୋୟା ସମାଜରେ ଏଇ କଲେଜ ସବୁ ଗୋଟାଏ ଗୋଟାଏ ସିଟ୍ ଅଫ୍ ପାୱାର ! କ୍ଷମତାର ଆସ୍ଥାନ ! ତାକୁ ଅକ୍ତିଆର୍ କରିବା ପାଇଁ ତେଣୁ ଏତେ ୟୁନିୟନ୍ । ଏତେ ରାଜନୀତି !" ଭବତୋଷ ସେଥିପାଇଁ ରହିଗଲା ଚିରନ୍ତନ ଛାତ୍ର ତାଲିକାରେ ! କିନ୍ତୁ ତା ବୋଲି ଭବତୋଷ ଯେ ଗୋଟାଏ କ୍ଲାସ-ଏନିମୀ, ଏ ସମ୍ପର୍କରେ ସୁକାନ୍ତର ସନ୍ଦେହ ରହିଥିଲା । ସୁକାନ୍ତ ଗୋଟିଏ ଅସତର୍କ ମୁହୂର୍ତ୍ତରେ କହିଦେଲା.... "ନକସଲମାନଙ୍କ ସହିତ ଭାବର ସମ୍ପର୍କ ଅଛି ଯେ ! ସେ କ୍ଲାସ ଏନିମୀ ହେବ କିପରି ?"

ଗୁରୁ ପାଗଳ ପରି ଟେବୁଲ ଉପରେ ଗୋଟିଏ ବଜ୍ରମୁଷ୍ଟି ପିଟି କହିଲା... "ଚୁପ୍‌କର ସୁଟ୍‌କା ! ବ୍ଲଡ଼ି ସ୍କଙ୍କ୍ ! ମୋର ସନ୍ଦେହ ହେଉଛି, ତୁ ହେଲୁଣି ପୋଲିସର ସ୍ପାଇ, ନୋହିଲେ ସେଇ କ୍ଲାସ୍-ଏନିମୀମାନଙ୍କର ଦଲାଲ !" ଗୁରୁର ଏ ପ୍ରକାର

ବିସ୍ଫୋରଣରେ ସୁକାନ୍ତ ଜୀବନ ଆତଙ୍କରେ ପଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରିବାକୁ ଲାଗିଲା । ଏଇ ଭବତୋଷ ଆଉ ଗୁରୁ ମଧ୍ୟରେ ଦିନେ ଥିଲା ଅଭେଦ ବନ୍ଧୁତ୍ୱ ! ଦୁହେଁ ଏକାଠି ମିଶି ଅନେକ ଡବଲରୋଟି ଫିଙ୍ଗିଛନ୍ତି ପୋଲିସ ଉପରେ, କେତେଟା ଛୋଟକାଟର ଡକାୟତିରେ ମଧ୍ୟ ଦୁହେଁ ଥିଲେ ସମ୍ପୃକ୍ତ ! ସେଥିପାଇଁ ସିନା, ଭବତୋଷ ସମ୍ପର୍କରେ ସୁକାନ୍ତ ସଫେଇ ଦେଇଥିଲା, ଭବତୋଷ କ୍ଲାସ-ଏନିମୀ ନୁହେଁ ।

ଲଚକ୍ ନିର୍ବୋଧ ଦୃଷ୍ଟିରେ ଥରେ ଗୁରୁ ଆଉ ଥରେ ସୁଟ୍‌କା ଆଡ଼େ ଚାହିଁ ଭାବୁଥିଲା.... ଶ୍ରେଣୀଶତ୍ରୁ ଆଉ ଶ୍ରେଣୀମିତ୍ର ଭିତରେ ତଫାତ୍‌ଟା କେତେ ? ଭବତୋଷକୁ ଲଚକ୍ ମଧ୍ୟ ଜାଣେ ଉଗ୍ରବାମପନ୍ଥୀ ରୂପେ ! ତଥାପି ଆଜି ପ୍ରମତ୍ତ ହିଂସାର ବାରୁଦ ଧୂଆଁ ଭିତରେ ଶ୍ରେଣୀମିତ୍ରକୁ ଶ୍ରେଣୀଶତ୍ରୁ ଅଥବା ଶ୍ରେଣୀଶତ୍ରୁକୁ ଶ୍ରେଣୀମିତ୍ର ରୂପେ ଚିହ୍ନିବାରେ ଭୁଲ୍ ହେବା ଅସମ୍ଭବ ନୁହେଁ ! ଯାହା ହାତରେ ଅଛି ଯେତେ ଧାରୁଆ ଛୁରୀ, ଯେତେ ଶକ୍ତିଶାଳୀ ହାଣ୍ଡଗ୍ରେନେଡ୍ ଅଥବା ପାଇପ୍‌ଗନ୍ ସେଇ ହେଲା ସେତେ ବେଶୀ ଶ୍ରେଣୀମିତ୍ର ! ଯିଏ ତା' ର ବିରୁଦ୍ଧରେ; ତାହାର ସ୍ଥାନ ଶ୍ରେଣୀଶତ୍ରୁମାନଙ୍କର ତାଲିକାରେ ! ତେବେ ଭବତୋଷ ନଳୀପ୍ୟାଣ୍ଟର ଚଉଡ଼ା ବେଲ୍‌ଟ ତଳେ ତ ସବୁବେଳେ ରଖିଥାଏ ଗୋଟାଏ ଲମ୍ବା ଧାରୁଆ ଛୁରୀ ! ସେ ତାହେଲେ ଶ୍ରେଣୀଶତ୍ରୁ ହେବ କିପରି ?

ଲଚକ୍ ମୁଣ୍ଡର ଲମ୍ବା ବାଳଗୁଡ଼ିକୁ ମୁଠା ମୁଠା ଟାଣି; ତା' ରି ଭିତରୁ ଯେପରି ଆବିଷ୍କାର କରିବା ପାଇଁ ଚାହୁଁଥିଲା, ଏଇ ବିଭ୍ରାନ୍ତିକର ପ୍ରଶ୍ନର ଉତ୍ତର ! ଲଚକ୍ କହିଲା.... "ଭବତୋଷ ହୁଏତ ଠିକ୍ ଶ୍ରେଣୀଶତ୍ରୁ ନୁହେଁ ! କିନ୍ତୁ ଶ୍ରେଣୀଶତ୍ରୁମାନଙ୍କର ସେ ମିତ୍ର ! ତା' ନହେଲେ, ରାଇଟରିଭିଜନିଷ୍ଟ ମନ୍ତ୍ରିଦଳର ନିର୍ବାଚନ ପ୍ରଚାରରେ ସେ କାର୍‌ପଟଦାରୀ କରୁଥାନ୍ତା କାହିଁକି ?"

ଗୁରୁ ପ୍ରସନ୍ନ କଣ୍ଠରେ ଟିପ୍‌ପଣୀ କଲା... "ୟୁ ଆର୍ ରାଇଟ୍ ଲଚକ୍ ! ଲଚକ ସମ୍ପର୍କରେ ଏଣିକି ଧାରଣା ପରିବର୍ତ୍ତନ କରିବା ପାଇଁ ପଡ଼ିବ ଦେଖୁଛି ! ଏତେଦିନ ଗୁରୁ ଦୃଷ୍ଟିରେ ଲଚକ ରହି ଆସିଥିଲା, ଶ୍ରେଣୀ-ସଂଗ୍ରାମ-ଭୀରୁ ମାମୁଲି ଇଂଟଲେକ୍‌ଚୁଆଲ୍ ରୂପେ ! ଗୁରୁ ଦଳରେ ସେ ଥିଲା ଯେପରି ଗୋଟାଏ ହାଙ୍ଗର୍ ଅନ୍ ! ମାତ୍ର ଇତିମଧ୍ୟରେ ତା' ର ଏତେଟା ଉନ୍ନତି ଘଟିଥିବା, ଗୁରୁର ଆଶାତୀତ ଥିଲା ।"

ଗୁରୁ କହିଲା... "ଦେଶଗୌରବ କଲେଜ ହଲ୍‌ରେ ଡବଲରୋଟି କାରବାରର ଦାୟିତ୍ୱ ଆଜି ତା ହେଲେ ଲଚକ୍‌ର ! କ' ଣ ରାଜି ତ ଲଚକ୍ ?" ଲଚକ୍ ଏତେ ଦିନେ ତା' ର ବିପ୍ଳବୀ ପୌରୁଷର ପରିଚୟ ଦେବା ପାଇଁ ଗୋଟାଏ ସୁଯୋଗ ପାଇଥିବାରୁ ମନେ ମନେ ନିଜକୁ କୃତାର୍ଥ ଜ୍ଞାନ କରୁଥିଲା ।

"କିନ୍ତୁ ମୁଁ ଏକା ? ସୁଟ୍‌କା ଆସିବ ନାହିଁ ?" - ଲଚକ୍ ପଚାରିଲା ଶଙ୍କିତ କଣ୍ଠରେ !

ଗୁରୁ ଉତ୍ତର ଦେଲା.... "ରିମେମ୍ବର; ଜଣେ ଗରିଲା ଯଥେଷ୍ଟ କ୍ଲାସ-ଏନିମୀମାନଙ୍କର ପୂରା ଗୋଟାଏ ଦଳକୁ କାବୁ କରିବା ପାଇଁ ! ସେଇ ତ ଆମର ସାର୍ଥକତା.....ୱାନ୍ ଏଗେନ୍‌ଷ୍ଟ ମେନି । ଆଉ ଏଣିକି ମ୍ୟାଜରିଟିର ଓପିନିଅନ୍ ନୁହେଁ, ମାଇନରିଟିର ଷ୍ଟ୍ରାଟେଜି ଉପରେ ତିଆରି ହେବ ସମାଜ ଆଉ ରାଷ୍ଟ୍ର ! ସବୁ ମ୍ୟାଜରିଟି ଆଜି ଶ୍ୟଃ....ଘୋଡ଼ାକାରବାର । ହର୍ସ୍-ଟ୍ରେଡିଙ୍ଗ୍ !"

ଲଚକ୍ ହାତକୁ ଗୁରୁ ଆଟାଚିକେସ୍‌ଟା ବଢ଼ାଇ ଦେଲା । ଲଚକ୍ ଆଟାଚିଟା ଧରି ଗୋଟାଏ ଉତ୍ତେଜନାରେ ରାସ୍ତା ଉପରକୁ କୁଦିପଡ଼ିଲା । ଆଟାଚି ଭିତରେ ଥିଲା ଦୁଇଟା ତାଜା ବୋମା, ପକେଟରେ ଧାରୁଆ ଛୁରୀ ! ଲଚକ୍‌ର ମନେହେଲା, ସେ ଯେପରି ବଞ୍ଚିବାର ଆସ୍ୱାଦନ ପାଇଲା, ଆଜି ଏଇ ପ୍ରଥମ ଥର ! ଗୋଟାଏ ଅନାସ୍ୱାଦିତ ପୂର୍ବ ଉତ୍ତେଜନା ମଧ୍ୟରେ ତା' ର ପୌରୁଷର ଆଜି ଯେପରି ନବଜନ୍ମ ହେଲା !

ଏମ୍ପଲୟମେଣ୍ଟ ଏକସଚେଞ୍ଜ ଆଉ ଦପ୍ତର ପରେ ଦପ୍ତର ମଧ୍ୟରେ ଉଡ଼ି ବୁଲୁଥିବା ଶୁଖିଲା ପତ୍ର ପରି ସେ ଆଜି ନିତାନ୍ତ ଅସହାୟ ନୁହେଁ ! ଏହି ସମାଜର ଜୀବନ-ନାଟିକା ଅଛି ଯେପରି ତା' ରି ହାତ ମୁଠା ଭିତରେ ! ହାତମୁଠା ଟାଣ କରି, ଦୁଇଟା ଡବଲରୋଟୀ ଚଳାଇ ଦେଲେ ବାସ ସବୁ ଖତମ ! ଆଟାଚି ଭିତରେ ବୋମା ଦୁଇଟା ତାକୁ ମନେ ପକାଇଦେଲା; ଏକଦା ସହପାଠିନୀ ଯମୁନାର ସ୍ତନ ! ଯମୁନା ଥିଲା ତାର ଗାର୍ଲଫ୍ରେଣ୍ଡ । ଯମୁନା ମଧ୍ୟ ଥିଲା ଏମ୍ପଲୟମେଣ୍ଟ ଏକସଚେଞ୍ଜ କ୍ୟୁରେ ଶୁଭେନ୍ଦୁର ସହବର୍ତ୍ତିନୀ ! ସେଇ ଯମୁନାକୁ ସେଦିନ ସେ ଦେଖି ଆସିଲା, ଗୋଟାଏ ଗାଇନିକ୍ ନର୍ସିଙ୍ଗ ହୋମରେ !

ଯମୁନା ମଳିନ ହସରେ ଗୋଟାଏ ରେଖା ଟାଣି କହିଥିଲା.... "ଦେହ ଖରାପ୍ ! ଏମିତି ଟିକିଏ ବେଶି ବେଶି ଯାଉଛି ।" ଯମୁନାର ଓଠ ଦୁଇଟା ଶେତା ରକ୍ତହୀନ ଦିଶୁଥିଲା ! ଶୁଭେନ୍ଦୁକୁ ଫାଙ୍କି ଦେବା କିନ୍ତୁ ସହଜ ନ ଥିଲା । ସେ ବୁଝି ଆସିଛି, ଆବୋରସନ ପରେ ଯମୁନା କ୍ୟୁରେଟିଙ୍ଗ୍ କରାଇଥିଲା, ସେଇ ନର୍ସିଂହୋମରେ ! ଯମୁନା ଆଜି ଗୋଟାଏ... ଆଜି ଗୋଟାଏ ଆଜି....ବି... ବିଚ....ବେ...ବେଶ୍ୟା...ହାରଲଟ୍ ! ଆଉ ସିଏ ବା କ' ଣ ? ଗ...ଗ....ଗରିଲା !

ମନୁଷ୍ୟ ସଭ୍ୟତା ଓ ସଂସ୍କୃତିର ଏହି ସଫଳତମ ମୁହୂର୍ତ୍ତରେ ସହର ସବୁ କାହିଁକି ଆଦିମ ମହାରଣ୍ୟ ହେଲା ? ଶୁଭେନ୍ଦୁ ବା କାହିଁକି ହେଲା ଆରଣ୍ୟକ ଗରିଲା ? ଆଉ ଯମୁନା ବା କାହିଁକି କ୍ୟୁରେଟିଙ୍ଗ ପାଇଁ ଛଦ୍ମ ନାମରେ ନର୍ସିଙ୍ଗ-ହୋମରେ ଆଡମିସନ୍ ନେଲା ? କିଏ ଦେବ ଏସବୁ ପ୍ରଶ୍ନର ଉତ୍ତର ? ..... ଶୁଭେନ୍ଦୁ ମୁଠା ମୁଠା କରି ମୁଣ୍ଡରୁ ଅଲରା ବାଳ ଟାଣି ତାରି ଭିତରୁ ଯେପରି ଏଇ ସବୁ ଉତ୍ପୀଡ଼କ ପ୍ରଶ୍ନର ଉତ୍ତର ବାହାର କରିବା ପାଇଁ ଚେଷ୍ଟା କରୁଥିଲା, ଯାଦୁକରମାନେ ଟୋପି ଭିତରୁ ଠେକୁଆ କାଢ଼ିବା ପରି !

ଆଗ ମୋଡ଼ଟା ବାଙ୍କିଗଲେ ଦେଶଗୌରବ କଲେଜ । ପାଚେରୀ ସାରା ଆଲକତରାରେ... ଲାଲ୍ ସଲାମ୍ !

ବର୍ଗୀ, ଠଗ ଓ ପିଣ୍ଡାରୀମାନେ ଯେପରି ପୁଣି ଥରେ ନବଜନ୍ମ ପାଇଥିଲେ ! କିନ୍ତୁ ଜୀବନର ସବୁ ମୋହରେ ଯେତେବେଳେ ଆସେ ମୋହଭଙ୍ଗ, ନୀତିବାଦ ଯେତେବେଳେ ହୁଏ ଶଠତା, ଶାସନ ହୁଏ ଲୁଣ୍ଠନର ନାମାନ୍ତର; ସେତେବେଳେ ରକ୍ତପିପାସୀ ହିଂସା ଆସେ ଲୋଳଜିହ୍ୱା ଲମ୍ବାଇ; ଖୁନର ସଲାମୀ ଆଦାୟ ପାଇଁ !

ଦେଶଗୌରବ କଲେଜ ହଲ୍‌ରେ ସାଂସ୍କୃତିକ ସମାରୋହ ଆରମ୍ଭ ହୋଇଯାଇଥିଲା । ମନ୍ତ୍ରୀ ପୁଷ୍ପମାଲ୍ୟ ବିଭୂଷିତ ହୋଇ ମଞ୍ଚ ଉପରୁ ଭାଷଣ ଦେଉଥିଲେ, "ସଂ-ସଂ-ସଂସ୍କୃତି, ଭାରତୀୟ ସଂସ୍କୃତିର ଅଛି ଦୀର୍ଘ ଦୁଇହଜାର, ନା ଦଶହଜାର ହୋଇପାରେ ଆଉରି ଦୀର୍ଘକାଳର ବଳିଷ୍ଠ ବ୍ୟାକିଙ୍ଗ୍, ମାନେ ପରମ୍ପରା । ମୁଁ ଆଶା କରିବି ଆମର ଛାତ୍ର ଯୁବକମାନେ ସେଇ ସଂ-ସଂ-ସଂସ୍କୃତିର ଯୋଗ୍ୟ ଉତ୍ତରାଧିକାରୀ ହୁଅନ୍ତୁ । ଆସନ୍ତୁ, ଆମେ ଆଜି ଶପଥ ନେବା...ଲାଇଟ୍...ଲାଇଟ୍ !"

ହଲ୍‌ଟା ହଠାତ୍ ଅନ୍ଧକାର ହୋଇଯାଇଥିଲା । ହଲ୍ ବାହାରେ କଲେଜ-କ୍ୟାମ୍ପସ୍‌ରେ ଆଲୁଅ ସବୁ ମଧ୍ୟ ଲିଭିଯାଇଥିଲା ।

ମନ୍ତ୍ରୀ ଚିତ୍କାର କରୁଥିଲେ...ଲାଇଟ୍ ! ଲାଇଟ୍ !

ଅନ୍ଧକାର ହଲ୍ ଭିତରେ ନାରୀକଣ୍ଠରେ ଶୁଭୁଥିଲା ଚିତ୍କାର ଆର୍ତ୍ତନାଦ....ଇସ୍ ! ପଶୁ ! ବର୍ବର !! ସେଇ ଅନ୍ଧକାର ଭିତରେ, କେଉଁଠି କଅଣ ଘଟି ଯାଉଥିଲା, ତାହା ଜାଣିବାର ଉପାୟ ନ ଥିଲା । ହଲ୍ ବାହାରେ ହଠାତ୍ ଗୋଟାଏ ବୋମା ଫୁଟିଲା । ବାରୁଦ ଧୂଆଁରେ ହଲ୍ ଭିତରଟା ଭର୍ତ୍ତି ହୋଇଗଲା ।

ମନ୍ତ୍ରୀ ନିର୍ବୀର୍ଯ୍ୟ କ୍ରୋଧ ଓ ଆତଙ୍କର ମିଶାମିଶି କଣ୍ଠରେ ଚିତ୍କାର କରୁଥିଲେ....ପୋଲିସ୍ ! ପୋଲିସ୍ !

ଭବତୋଷ ମନ୍ତ୍ରୀଙ୍କୁ ପେଣ୍ଡାଲର ଗୋଟାଏ ନିରାପଦ କୋଣକୁ ଘେନିଯାଇ କହିଲା... "ଏ ନିଶ୍ଚୟ ସେଇ ରାସ୍କେଲମାନଙ୍କର କାଣ୍ଡ ! ସେମାନେ ଇଲେକ୍‌ଟ୍ରିକ୍ ଫିଉଜ ଉଡ଼ାଇ ଦେଇ, ବାହାରଗୋଟାଏ ଦୁଇଟା କ୍ରାକର ଫିଙ୍ଗିଛନ୍ତି, ଏଇ ସାଂସ୍କୃତିକ-ଉତ୍ସବ ଭାଙ୍ଗିବା ପାଇଁ । ପୋଲିସ କଅଣ କରିବ ? ଆପଣ ଏଇଠି ରହନ୍ତୁ... ମୁଁ ସବୁ ଠିକ କରିଦେଉଛି ।"

ଭବତୋଷ ପେଣ୍ଡାଲ ତଳକୁ କୁଦି ପଡ଼ିବା ମାତ୍ରେ ତା କାନରେ ସେଇ ଅନ୍ଧକାର ଭିତରେ କିଏ ଜଣେ ଫିସ୍ ଫିସ୍ କରି କହିଲା... "ଗୁରୁ ଦଳର ଜଣେ ନୂଆ ମସ୍ତାନ ଏଠି ହଲ୍ ଭିତରେ । ଆମ ଦଳର ଜଣେ ଦୁଇଜଣଙ୍କୁ ଅନ୍ଧାରରେ ସେ ଷ୍ଟାବ୍ କରି ସାରିଲାଣି । ପଟ୍‌ଲାର ହାତ ପାପୁଲି କଟିଯାଇଛି, ଛୁରୀ ଅଟକାଇବା ବେଳେ ।"

ଭବତୋଷ ଆଦେଶ ଦେଲା... "ଟ୍ରାପ୍ କର ତାକୁ । ଏକଜିଟ୍ ଦୁଆର ସବୁ ବନ୍ଦ କରିଦିଅ । ଯେପରି ସେ ବାଷ୍ଟାର୍ଡ଼ ଖସି ପଳାଇ ନ ଯାଏ ।"

ସେଇ ଅନ୍ଧକାର ଅରଣ୍ୟ ଭିତରେ ମତ୍ତମୟୂର ପରି ନାଚି ବୁଲୁଥିଲା ଲଟକ୍ ଗୋଟାଏ ଆଦିମ ଉତ୍ତେଜନାରେ । ହତାଶ ଶୂନ୍ୟଗର୍ଭ ଜୀବନର ସବୁ ନିପୀଡ଼ିତ ଆକାଙ୍‌କ୍ଷା; ସବୁ ପୁଞ୍ଜୀଭୂତ ବ୍ୟର୍ଥତା, ଯେପରି ଏଇ ଆଦିମତା ମଧ୍ୟରେ ନିର୍ଗମନର ଗୋଟାଏ ପଥ ଖୋଜି ପାଇଥିଲା । ଲଟକ୍‌ର ଅନ୍ୟ ଉଦ୍ଦେଶ୍ୟ ନ ଥିଲା । ଏ ଅରଣ୍ୟ ହିଂସ୍ରତାରେ ତା ପାଇଁ ରହିଥିଲା ଗୋଟିଏ ରୋମାନ୍‌ସ; କିନ୍ତୁ ଏଇ ଅନ୍ଧକାର ବିପର୍ଯ୍ୟୟ ଓ ବିଶୃଙ୍ଖଳା, ଭବତୋଷ ଗ୍ୟାଙ୍ଗର ମସ୍ତାନମାନଙ୍କୁ ମଧ୍ୟ ଦେଇଥିଲା ସେମାନଙ୍କର ଅନ୍ଧ ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ଗୋଟାଏ ଅବକାଶ । କାହାର ସ୍ତନରୁ ଗୋଟାଏ ବ୍ରେସରୀ ଛିଣ୍ଡି ପଡ଼ିଲା ଆସି ଶୁଭେନ୍ଦୁ ଉପରେ । ସେଇ ଅନ୍ଧାର ଭିତରେ, କିଏ ଜଣେ ଫିସ୍ ଫିସ୍ କରି କହୁଥିଲା.... "ଯାଃ ! ଶାଲା, ଏଇଟା ତ ସ୍ତନ ନୁହେଁ, ଦୁଇ ବସ୍ତା ଭୂଷାମାଲ୍ !"

କ୍ରମେ ହଲ ଭିତରଟା ନିଶୂନ ହୋଇଯାଇଥିଲା । ହଲ୍ ଭିତରେ ସୂଚୀଭେଦ୍ୟ ନୀରବତା । ମନ୍ତ୍ରୀ ମଧ୍ୟ ବହୁ ବେଳୁ ଫେରି ଯାଇଥିଲେ । ଭବତୋଷର ଦଳ ସୁଦ୍ଧା ସେଠାରେ ନ ଥିଲେ ।

ପୋଲିସ ଆସି ଘେରି ଯାଇଥିଲେ ହଲ ଚାରିପଟେ ।

ଫିଉଜ ମରାମତ ପରେ ଅବଶେଷରେ ଯେତେବେଳେ ହଲ ଭିତରେ ଲାଇଟ ଜଳିଲା, ଦେଖାଗଲା ଭିତରେ ଚଟାଣ ସାରା ଓଲଟ ପାଲଟ ଚଉକୀ, ଆଉ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଛି, ଗୁଡ଼ାଏ ବ୍ଲାଉଜ, ବ୍ରେସରୀ, ଗୋଟାଏ ଦୁଇଟା ରଙ୍ଗିନ ଶାଢ଼ି, ଛିଣ୍ଡା ଫୁଲମାଳ, ଚଟି ଆଉ ଏଠି ସେଠି ମେଂଚା ମେଂଚା ତାଜା ରକ୍ତ....ତାରି ଭିତରେ ଗୋଟାଏ ଚଉକୀ ଉପରେ ଲୋଟି ପଡ଼ିଥିଲା, ଗୋଟାଏ ରକ୍ତାକ୍ତ ଲାସ । ତଳିପେଟ ଆଉ ଲଙ୍ଗସ ତଳେ ଗଭୀର କ୍ଷତରୁ ତଥାପି ରକ୍ତ ପଚକାରୀ ମାରୁଥିଲା ।

ଅନ୍ଧକାର କଲେଜ-କ୍ୟାମ୍ପସର ଗୋଟାଏ ଗଛମୂଳେ ଠିଆହୋଇ ଭବତୋଷ ଉତ୍ତେଜିତ ଭାବରେ ଖଣ୍ଡେ ସିଗାରେଟ୍ ଟାଣୁଥିଲା । ଗୋଟାଏ ଛାୟାମୂର୍ତ୍ତି ସେଇ ଅନ୍ଧକାର ଭିତରେ ଭବତୋଷ ପାଖକୁ ଆସିବା ମାତ୍ରେ ଭବତୋଷ ପଚାରିଲା... "କିଏ ସେଟା ?"

ଲାସର ପକେଟରୁ ଏମ୍ପ୍ଲୟମେଣ୍ଟ ଏକସଚେଞ୍ଜର ଗୋଟାଏ ରକ୍ତଭିଜା କାର୍ଡ଼ ବାହାରକୁ ଉଙ୍କି ମାରୁଥିଲା.... ଶୁଭେନ୍ଦୁ ଦାସ-ଶିକ୍ଷା ଏମ୍.ଏ. ଗଣିତ - ବୟସ ବାଇଶ !

ଗୁରୁ-ଗ୍ୟାଙ୍ଗ୍‌ର ଗୋଟାଏ କ୍ଲାସ-ଏନିମୀ !

***